

ଯୋଗାଣ ଦର୍ପଣ

ମାସିକ ସଂକ୍ଷିପ୍ତ ବିବରଣୀ

ଅକ୍ଟୋବର ୨୦୨୬



ବିଷୟସୂଚୀ

ସେବା ସଂକଳ୍ପ ଅଭିଯାନ	୦୨
ଜନସେବାରେ ମନ୍ତ୍ରୀଙ୍କ ସକ୍ରିୟ ଭୂମିକା	୦୫
ସାଧୁତାରୁ ସମୃଦ୍ଧି	୦୭
ସ୍ମାର୍ଟ ପରିବହନରେ ନୂଆ ପଦକ୍ଷେପ	୦୮
ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା	୦୯
୧୯୬୭–ହେଲ୍ପଲାଇନ ନମ୍ବର	୧୦
ବେଆଇନ ଗ୍ୟାସ୍ ସିଲିଣ୍ଡର ମହଜୁଦ ଉପରେ ଚଢ଼ାଉ	୧୧
ଅକ୍ଟୋବର ମାସରେ ଉଠାଣ ଚାଉଳର ପରିମାଣ	୧୨
ଷ୍ଟାଫ କର୍ଣ୍ଣର	୧୪

ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର

ମନ୍ତ୍ରୀ

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ବୈଷୟିକ



ବାର୍ତ୍ତା

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୪୭ ବର୍ଷରେ ପଦାର୍ପଣ କରିଛି | ୪୭ ବର୍ଷର ଏହି ଲମ୍ବା ଯାତ୍ରାରେ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ସେବା କରିବାର ସଂକଳ୍ପ ସେଭଳି ଅତୁଟ ରହିଛି। ନିଗମ ଚାଷୀ ସହ ଖାଉଟିଙ୍କ ଅଧିକାରର ସୁରକ୍ଷା ପର୍ଯ୍ୟନ୍ତ, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଜୀବନ ସହ ଯୋଡ଼ି ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛି।

ଚାଷୀଙ୍କ ପାଖରୁ ଧାନ କ୍ରୟ କରିବା ହେଉ କି ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିବା ହେଉ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଏହାର ସେବା ଦେଇଆସିଛି | ତେବେ ଏହି ଅବସରରେ ପ୍ରକାଶ ପାଇଥିବା ବିଶେଷ ପତ୍ରିକା 'ଯୋଗାଣ ଦର୍ପଣ' ମାଧ୍ୟମରେ ଜନସାଧାରଣ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର କାର୍ଯ୍ୟଧାରା ବାବଦରେ ବିସ୍ତୃତ ଭାବେ ଜାଣିବାକୁ ପାଇବେ | ଏହି ପତ୍ରିକା ମାଧ୍ୟମରେ ନିଗମ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ନିଆଯାଉଥିବା ଅନେକ ପଦକ୍ଷେପ ବ୍ୟାପକ ସଚେତନତା ସୃଷ୍ଟି କରିବ ବୋଲି ମୋର ଆଶା ଓ ବିଶ୍ୱାସ | ପତ୍ରିକାର ସର୍ବାଙ୍ଗୀନ ସଫଳତା କାମନା କରିବା ସହ ରାଜ୍ୟବାସୀଙ୍କ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି |

(କୃଷ୍ଣ ଚନ୍ଦ୍ର ପାତ୍ର)
ମନ୍ତ୍ରୀ,
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡିଶା



ସେବା ସଂକଳ୍ପ ଅଭିଯାନ: ଜନସେବାରେ ନୂଆ ଅଧ୍ୟାୟ

ସ୍ୱଚ୍ଛତା, ସ୍ୱଚ୍ଛନ୍ଦତା ଓ ସମ୍ବେଦନଶୀଳତାକୁ ପ୍ରାଥମିକତା; ହିତାଧିକାରୀଙ୍କ ଦ୍ୱାରଦେଶରେ ସରକାରୀ ସେବା

ଜନସାଧାରଣଙ୍କୁ ସରକାରୀ ସେବା ଅଧିକ ତ୍ୱରିତ, ସ୍ୱଚ୍ଛ, ସରଳ ଓ ସୁବିଧାଜନକ ଢଙ୍ଗରେ ଯୋଗାଇଦେବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ ତାରିଖରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିଲା ଏକ ମାସବ୍ୟାପୀ **'ସେବା ସଂକଳ୍ପ ଅଭିଯାନ'**। ଏହି ଅଭିଯାନ ଜନସାଧାରଣଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବା ସହ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବାର ଏକ ସାର୍ଥକ ପ୍ରୟାସ ଥିଲା।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ, ଅଭିଯୋଗର ପ୍ରଭାବୀ ନିବାରଣ, ଆବଶ୍ୟକ ସହାୟତା ପ୍ରଦାନ ଏବଂ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକର ସେବାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ସରକାରଙ୍କ ବିଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନା ଓ ହିତାଧିକାରୀଙ୍କ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ପର୍ଯ୍ୟାୟକ୍ରମେ ଜନସେବାର ବିସ୍ତାର, ସଚେତନତାରୁ ସେବା ପ୍ରଦାନ ଯାଏଁ

ସେପ୍ଟେମ୍ବର ୧୭ ତାରିଖରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ ସହ ଅଭିଯାନର ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସେପ୍ଟେମ୍ବର ୨୦ ରୁ ୨୭ ତାରିଖ ମଧ୍ୟରେ ଆୟୋଜିତ ହୋଇଥିଲା **'ପିଡିଏସ୍ ହିତାଧିକାରୀ ସଚେତନତା ଅଭିଯାନ'**। ଏହା ମାଧ୍ୟମରେ ହିତାଧିକାରୀମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା (PDS), ଖାଦ୍ୟଶସ୍ୟ ପ୍ରାପ୍ୟତା, ବଣ୍ଟନ ପ୍ରକ୍ରିୟା ଓ ଅଭିଯୋଗ ନିବାରଣ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିଲା।









ସେପ୍ଟେମ୍ବର ୨୮ରୁ ୩୦ ତାରିଖ ମଧ୍ୟରେ ଆୟୋଜିତ ହୋଇଥିଲା ରାସନ କାର୍ଡ ଓ ପିଡିଏସ୍ ସେବା ଶିବିର।

ଏହିଅବସରରେ ବିଭିନ୍ନ ସ୍ଥାନରେ **'ସେବା ସେତୁ'** ଶିବିର ଜରିଆରେ ହିତାଧିକାରୀଙ୍କୁ ହାତପାଆନ୍ତାରେ ସେବା ଯୋଗାଇ ଦିଆଯାଇଥିଲା।

ରାସନ କାର୍ଡ ସଂକ୍ରାନ୍ତୀୟ ସମସ୍ୟାର ସମାଧାନ, ପରିବାରର ନୂତନ ସଦସ୍ୟଙ୍କ ନାମ ସଂଯୋଗ ଓ ଅଯୋଗ୍ୟ ସଦସ୍ୟଙ୍କ ନାମ ବାଦ୍ ଦେବା ଭଳି କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏଥି ସହିତ ନୂତନ ରାସନ କାର୍ଡ ପାଇବାକୁ ଯୋଗ୍ୟ ବ୍ୟକ୍ତିମାନେ ମଧ୍ୟ ଆବେଦନ କରିବାର ସୁଯୋଗ ପାଇଥିଲେ।

ଏହି ଶିବିର ଗୁଡ଼ିକରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନଯୋଜନା, **'ୱାନ୍ ନେସନ୍ ୱାନ୍ ରାସନ୍ କାର୍ଡ'**, ଅନ୍ତ୍ୟୋଦୟ ଅନ୍ନ ଯୋଜନା ଏବଂ ଅଗ୍ରାଧିକାର ପରିବାର (PHH) ଯୋଜନାରେ ହିତାଧିକାରୀଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ମଧ୍ୟ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା।

ସୁଲଭ ମୂଲ୍ୟ ଦୋକାନରେ ଯାଞ୍ଚ: ସ୍ୱଚ୍ଛ ବଣ୍ଟନ ବ୍ୟବସ୍ଥାକୁ ଗୁରୁତ୍ୱ



ଅକ୍ଟୋବର ୪ ରୁ ୮ ତାରିଖ ମଧ୍ୟରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ନିରୀକ୍ଷଣ ଅଧିକାରୀମାନେ ବିଭିନ୍ନ ସୁଲଭ ମୂଲ୍ୟ ଦୋକାନ ପରିଦର୍ଶନ କରି ମହଜୁଦ ଖାଦ୍ୟଶସ୍ୟ, ଓଜନ ଓ ବଣ୍ଟନ ସମ୍ପର୍କିତ ରେକର୍ଡ ଯାଞ୍ଚ କରିଥିଲେ। ଇ-ପିଓଏସ୍ ତଥ୍ୟ ସହ ବାସ୍ତବ ବଣ୍ଟନର ତଥ୍ୟକୁ ମେଳ କରାଯାଇଥିଲା। ଯାଞ୍ଚ ସମୟରେ କୌଣସି ଅନିୟମିତତା ପରିଲକ୍ଷିତ ହେଲେ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଅଭିଯୋଗର ତ୍ୱରିତ ସମାଧାନ: ହିତାଧିକାରୀଙ୍କୁ ଆଶ୍ୱସ୍ତି

ଅକ୍ଟୋବର ୯ ରୁ ୧୨ ତାରିଖ ମଧ୍ୟରେ ପିଡିଏସ୍ ସମ୍ପର୍କିତ ଅଭିଯୋଗ ଗ୍ରହଣ ଓ ସମାଧାନ ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ରାସନ ନମିଳିବା, ଧାର୍ଯ୍ୟ ପରିମାଣଠାରୁ କମ୍ ଖାଦ୍ୟଶସ୍ୟ ମିଳିବା ଭଳି ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ ତ୍ୱରିତ ଯାଞ୍ଚ ଓ ସମାଧାନର ବ୍ୟବସ୍ଥା କରାଯାଇଥିଲା।

ସେହିପରି ଅକ୍ଟୋବର ୧୩ ରୁ ୧୫ ତାରିଖ ମଧ୍ୟରେ ପିଡିଏସ୍ ସୁବିଧାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ ଯାଞ୍ଚ ପରେ ସେମାନଙ୍କୁ ସେବା ଯୋଗାଇଦେବା ଦିଗରେ ପଦକ୍ଷେପ ନିଆଯାଇଥିଲା।

ଅଭିଯାନର ସଫଳ ରୂପାୟନ ଓ ଜନସାଧାରଣଙ୍କ ନିକଟରେ ସେବା ପହଞ୍ଚିବାର ଅଗ୍ରଗତି ସମୀକ୍ଷା ନିମନ୍ତେ ଅକ୍ଟୋବର ୧୬ ଓ ୧୭ ତାରିଖରେ ସ୍ୱତନ୍ତ୍ର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ହିତାଧିକାରୀଙ୍କୁ ମିଳିଥିବା ସେବାର ସ୍ଥିତି ଆକଳନ କରାଯିବା ସହ ଅବଶିଷ୍ଟ ଅଭିଯୋଗ ଓ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।





ଜନପ୍ରତିନିଧିଙ୍କ ସହଭାଗିତା: ଜନସମସ୍ୟାର ସମାଧାନକୁ ଗୁରୁତ୍ୱ

'ସେବା ସଂକଳ୍ପ ଅଭିଯାନ'କୁ ଅଧିକ ଲୋକାଭିମୁଖୀ କରିବାରେ ଜନପ୍ରତିନିଧିମାନଙ୍କ ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ **'ସେବା ସେତୁ'** ଶିବିରରେ ସ୍ଥାନୀୟ ବିଧାୟକ, ସାଂସଦ ଓ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେଇଥିଲେ।



ଏହିପରି ଭାବେ **'ସେବା ସଂକଳ୍ପ ଅଭିଯାନ'** କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନରହି ଜନସାଧାରଣଙ୍କ ଅଧିକାର, ସୁବିଧା ଓ ସମସ୍ୟାର ସମାଧାନକୁ କେନ୍ଦ୍ରରେ ରଖି ଜନସେବାର ଏକ ସାର୍ଥକ ମଞ୍ଚ ଭାବେ ପରିଚିତ ହୋଇଥିଲା।





ଜନସେବାରେ ମନ୍ତ୍ରୀଙ୍କ ସକ୍ରିୟ ଭୂମିକା

ବିପର୍ଯ୍ୟୟ ପରିଚାଳନାଠାରୁ ଖାଦ୍ୟ ସୁରକ୍ଷା ଯାଏଁ; କ୍ଷେତ୍ରସ୍ତରରେ ସ୍ଥିତି ସମୀକ୍ଷା ଓ ହିତାଧିକାରୀଙ୍କୁ ସହାୟତା



ଖାଦ୍ୟ ସୁରକ୍ଷାର ସୁଦୃଢ଼ୀକରଣ ଓ ଜନସାଧାରଣଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବା ଦିଗରେ ଅକ୍ଟୋବର ମାସରେ ସକ୍ରିୟ ରହିଥିଲେ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ **ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**। ରାସନ କାର୍ଡ ବଣ୍ଟନ, ବାତ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା ଓ ବିପନ୍ନଙ୍କୁ ଜରୁରୀକାଳୀନ ସହାୟତା ଯୋଗାଣ ଭଳି ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟରେ ସେ ସାମିଲ ହୋଇଥିଲେ।

ବାତ୍ୟା 'ଅର୍ଣ୍ଣବ':
ନବରଙ୍ଗପୁରରେ ମନ୍ତ୍ରୀଙ୍କ ସ୍ଥିତି ସମୀକ୍ଷା

ବାତ୍ୟା **'ଅର୍ଣ୍ଣବ'**ର ସମ୍ଭାବ୍ୟ ପ୍ରଭାବ ଓ ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ପାତ୍ର ନବରଙ୍ଗପୁର ଜିଲ୍ଲା ଗସ୍ତ କରି ସ୍ଥିତିର ସମୀକ୍ଷା କରିଥିଲେ। ଜିଲ୍ଲାର ନିୟନ୍ତ୍ରଣ କକ୍ଷର କାର୍ଯ୍ୟକାରିତା, ଉଦ୍ଧାର ଓ ଜରୁରୀକାଳୀନ ପଦକ୍ଷେପ, ବିପଦ ପ୍ରବଣ ଅଞ୍ଚଳର ସ୍ଥିତି ସହ ଶୁଖିଲା ରାସନ ଓ ପଲିଥିନର ପର୍ଯ୍ୟାପ୍ତ ମହଜୁଦ ଓ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ।

ଏହି ଅବସରରେ ସେ **ଇନ୍ଦ୍ରାବତୀ ଜଳଭଣ୍ଡାର** ପରିଦର୍ଶନ କରି ଜଳସ୍ତର, ସୁରକ୍ଷା ଓ ଜଳ ପରିଚାଳନା ବ୍ୟବସ୍ଥାର ସ୍ଥିତି ଅନୁଧାନ କରିଥିଲେ। ନବରଙ୍ଗପୁର ସାଂସଦ, ଜିଲ୍ଲାପାଳ ଓ ବିଭାଗୀୟ ପଦାଧିକାରୀଙ୍କ ସହ ଆଲୋଚନା କରି ବାତ୍ୟାର ପ୍ରଭାବ, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ।

ବିଭିନ୍ନ ଆଶ୍ରୟ ସ୍ଥଳରେ ରହୁଥିବା ଲୋକଙ୍କୁ ଯେପରି ତ୍ୱରିତ ଭାବେ ଖାଦ୍ୟ, ପାନୀୟଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରିବ, ସେଥିପ୍ରତି ସେ ସ୍ୱତନ୍ତ୍ର ଗୁରୁତ୍ୱାରୋପ କରିଥିଲେ। ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଜୀବନରକ୍ଷା, ସୁରକ୍ଷା ଓ ଆବଶ୍ୟକତା ପୂରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସେ ଗୁରୁତ୍ୱ ଦେଇଥିଲେ।





ଖାଦ୍ୟ ସୁରକ୍ଷାର ପରିଧିକୁ ବ୍ୟାପକ କରିବାର ପ୍ରୟାସ



ଜନସାଧାରଣଙ୍କୁ ଖାଦ୍ୟ ସୁରକ୍ଷାର ମୁଖ୍ୟ ଧାରାରେ ସାମିଲ କରିବା ଲକ୍ଷ୍ୟରେ ମନ୍ତ୍ରୀ ଶ୍ରୀ ପାତ୍ର ଢେଙ୍କାନାଳ ଜିଲ୍ଲାରେ ଆୟୋଜିତ **'ସେବା ସେତୁ'** ମେଳାରେ ଯୋଗଦେଇଥିଲେ। ଢେଙ୍କାନାଳ ସଦର ପଞ୍ଚାୟତ ସମିତି ପରିସରରେ ଆୟୋଜିତ ଶିବିରରେ ୨୦ ଜଣ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିଥିଲେ।

ସେହିପରି ଗଁଦିଆ ପଞ୍ଚାୟତ ସମିତି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଅନ୍ନ ଯୋଜନା କାର୍ଡ ବଣ୍ଟନ କରିଥିଲେ। ଏହି ପଦକ୍ଷେପ ଯୋଗ୍ୟ ପରିବାରଗୁଡ଼ିକୁ ଖାଦ୍ୟ ସୁରକ୍ଷାର ସୁବିଧା ପହଞ୍ଚାଇବା ସହ ସରକାରୀ ଯୋଜନାର ଲାଭକୁ ତୃଣମୂଳ ସ୍ତରରେ ସୁନିଶ୍ଚିତ କରିବା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ।

ବିପର୍ଯ୍ୟୟରେ ଖାଦ୍ୟ ସୁରକ୍ଷା: ସବୁବେଳେ ଜନତାଙ୍କ ସହ ବିଭାଗ

ବାତ୍ୟା ଓ ବନ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ଯୋଗାଣ ଶୃଙ୍ଖଳର ସୁରକ୍ଷା ଓ କଳାବଜାର ଉପରେ କଡ଼ା ନଜର ।

ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଜନଜୀବନ ସହ ସାଧାରଣ ଯୋଗାଣ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଥାଏ। ଏଭଳି ସଙ୍କଟ ସମୟରେ ଲୋକଙ୍କ ପାଖରେ ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ନିରବଚ୍ଛିନ୍ନ ଭାବେ ପହଞ୍ଚାଇବା ଏକ ବଡ଼ ଦାୟିତ୍ୱ। ଏହି ଦାୟିତ୍ୱକୁ ଗୁରୁତ୍ୱର ସହ ନିର୍ବାହ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଦା ସଜାଗ ରହିଥିଲା।

ଚଳିତ ମାସରେ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ରୋକିବା ସହ ଯୋଗାଣ ଶୃଙ୍ଖଳକୁ ସକ୍ରିୟ ରଖିବା ଦିଗରେ ବିଭାଗ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିଲା।

ବିଭାଗୀୟ କ୍ଷେତ୍ର ଅଧିକାରୀମାନେ ପ୍ରତିଦିନ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର କ୍ରୟ ଓ ବିକ୍ରୟ ମୂଲ୍ୟ ଉପରେ ନଜର ରଖିଥିଲେ। ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା କଳାବଜାର, ଅନାବଶ୍ୟକ ମହଜୁଦ ଓ କୃତ୍ରିମ ଅଭାବ ସୃଷ୍ଟି ଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ ଆଇନାନୁଯାୟୀ କଠୋର ପଦକ୍ଷେପ ନିଆଯାଇଥିଲା।



ବଜାରରେ ଅଯଥା ଦରବୃଦ୍ଧି ଓ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି ନହେବା ପାଇଁ ବିଭିନ୍ନ ଜିଲ୍ଲାର ମୁଖ୍ୟ ଯୋଗାଣ ଅଧିକାରୀମାନେ ହୋଲସେଲରଙ୍କ ସହ ଆଲୋଚନା କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀର ପର୍ଯ୍ୟାପ୍ତ ଉପଲବ୍ଧତା ଓ ଯୋଗାଣ ସ୍ଥିତି ସମୀକ୍ଷା କରିବା ସହ ବେଆଇନ ଭାବେ ସାମଗ୍ରୀ ମହଜୁଦ ନରଖିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା।



ବିପର୍ଯ୍ୟୟ ସମୟରେ ସାଧାରଣ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା, ନ୍ୟାୟୋଚିତ ମୂଲ୍ୟରେ ସାମଗ୍ରୀ ଉପଲବ୍ଧ କରାଇବା ଏବଂ ନିରବଚ୍ଛିନ୍ନ ଯୋଗାଣ ବ୍ୟବସ୍ଥା ବଜାୟ ରଖିବା ପାଇଁ ବିଭାଗର ଏହି ତତ୍ପରତା ଗୁରୁତ୍ୱ ବହନ କରିଥିଲା।

ସାଧୁତାରୁ ସମୃଦ୍ଧି: ଦୁର୍ନୀତିମୁକ୍ତ ପ୍ରଶାସନ ପାଇଁ ସଂକଳ୍ପ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ସ୍ୱଚ୍ଛତା, ସଚ୍ଚୋଟତା ଓ ନୈତିକତାର ଶପଥ ନେଲେ ଅଧିକାରୀ ଓ କର୍ମଚାରୀ



ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତିମୁକ୍ତ ସମାଜ ଗଠନର ମୂଳଦୁଆ ହେଉଛି ସାଧୁତା ଓ ସଚ୍ଚୋଟତା। ଏହି ମହତ୍ତ୍ୱପୂର୍ଣ୍ଣ ମୂଲ୍ୟବୋଧକୁ ଜୀବନ ଓ କର୍ମକ୍ଷେତ୍ରରେ ପ୍ରତିଫଳିତ କରିବାର ଆହ୍ୱାନ ସହ ଚଳିତ ମାସରେ ପାଳିତ ହୋଇଥିଲା 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ'। ଏହି ବର୍ଷର ଆହ୍ୱାନ **'ସାଧୁତାରୁ ସମୃଦ୍ଧି'**କୁ ଆଧାର କରି ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (OSCSC)ର ବରିଷ୍ଠ ଅଧିକାରୀଙ୍କଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ ଦୁର୍ନୀତି ବିରୋଧରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

ନିଗମର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସମସ୍ତେ ନିଜ ଦୈନନ୍ଦିନ କାର୍ଯ୍ୟରେ ସାଧୁତା, ସ୍ୱଚ୍ଛତା ଓ ସଚ୍ଚୋଟତାର ମୂଲ୍ୟବୋଧକୁ ପାଳନ କରିବା ସହ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ନଦେବା ପାଇଁ ଶପଥ ନେଇଥିଲେ।

ଏହି ସଚେତନତାର ବାର୍ତ୍ତା କେବଳ ମୁଖ୍ୟ କାର୍ଯ୍ୟାଳୟରେ ସୀମିତ ରହିନଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟ ମୁଖ୍ୟ ଯୋଗାଣ ଅଧିକାରୀ, ଯୋଗାଣ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଏକାଠି ହୋଇ ଦୁର୍ନୀତି ବିରୋଧୀ ଶପଥ ଗ୍ରହଣ କରିଥିଲେ।



ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ କାର୍ଯ୍ୟସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଏକ ସୁଶାସିତ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ନିଜ ନିଜ ସ୍ତରରେ ଅବଦାନ ରଖିବାକୁ ସଂକଳ୍ପବଦ୍ଧ ହୋଇଥିଲେ।

ସ୍ମାର୍ଟ ପରିବହନରେ ନୂଆ ପଦକ୍ଷେପ: ରାଜ୍ୟରେ ଭିଏଲଟିଡି ସଚେତନତା ଶିବିର

ଯାନବାହନର ଗତିବିଧି ଉପରେ ଡିଜିଟାଲ୍ ନଜର; ପରିବହନ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ

ପରିବହନ ବ୍ୟବସ୍ଥାରେ ସ୍ୱଚ୍ଛତା, ସୁରକ୍ଷା ଓ ଦକ୍ଷତା ବୃଦ୍ଧିପାଇଁ ପ୍ରଯୁକ୍ତିର ଉପଯୋଗ ଆଜି ସମୟର ଆବଶ୍ୟକତା। ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାର୍ଟ ପଦକ୍ଷେପ ହେଉଛି ଭେଇକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍ (VLTD)। ଏହି ବ୍ୟବସ୍ଥା ମାଧ୍ୟମରେ ଯାନବାହନର ଅବସ୍ଥିତି ଓ ଗତିବିଧି ଉପରେ ନିରନ୍ତର ନଜର ରଖିବା ସମ୍ଭବ ହୋଇଥାଏ। ଫଳରେ ପରିବହନ ବ୍ୟବସ୍ଥାର ନିରୀକ୍ଷଣ, ସୁରକ୍ଷା ଓ ପରିଚାଳନା ଅଧିକ ସୁଦୃଢ଼ ହୋଇପାରେ।





ଏହି ବ୍ୟବସ୍ଥାର ଉପଯୋଗିତା ଓ କାର୍ଯ୍ୟକାରିତା ସମ୍ପର୍କରେ ଜ୍ଞାନ ଓ ସଚେତନତା ବୃଦ୍ଧିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ତାଲିମ ଓ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଆରଟିଓ, ଏମଭିଆଇ ଓ ଅନ୍ୟାନ୍ୟ ଅଧିକାରୀମାନେଯୋଗଦେଇ ଭିଏଲଟିଡି ବ୍ୟବସ୍ଥାର କାର୍ଯ୍ୟପ୍ରଣାଳୀ, ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ତାଲିମ ନେଇଥିଲେ।




ଏଥି ସହିତ ଯୋଗାଣ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଠିକାଦାର ଓ ମିଲର୍ ମାନଙ୍କ ଦ୍ୱାରା ଭିଏଲଟିଡି ଯନ୍ତ୍ରାଂଶ ସଂଯୋଜିତ ଯାନବାହନଗୁଡ଼ିକର ଅନୁମୋଦନ ଓ ଟ୍ୟାଗିଂ ପାଇଁ ମଧ୍ୟ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଥିଲା। ପ୍ରଯୁକ୍ତି ଭିତ୍ତିକ ନିରୀକ୍ଷଣ ବ୍ୟବସ୍ଥାର ପ୍ରସାର ଦ୍ୱାରା ଯୋଗାଣ ଓ ପରିବହନ କାର୍ଯ୍ୟକୁ ଅଧିକ ସୁବ୍ୟବସ୍ଥିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



ସ୍ମାର୍ଟ ପରିବହନରେ ସ୍ୱଚ୍ଛତା ଓ ସୁରକ୍ଷାର ନୂଆ ଅଧ୍ୟାୟ

VLTD ବ୍ୟବସ୍ଥାରେ ନିଗମର ଚାଉଳ ପରିବହନ ଉପରେ ୨୪ ଘଣ୍ଟିଆ ନଜର



ଖାଦ୍ୟଶସ୍ୟ ପରିବହନକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ଦିଗରେ ଡିଜିଟାଲ ପ୍ରଯୁକ୍ତିର ସଫଳ ଉପଯୋଗ କରୁଛି ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ (OSCSC)। ଏହି କ୍ରମରେ ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା (Vehicle Location Tracking Device – VLTD) ପରିବହନ ପରିଚାଳନାରେ ଆଣିଛି ଏକ ନୂଆ ସ୍ୱଚ୍ଛତା ଓ ଦକ୍ଷତାର ଅଧ୍ୟାୟ।

କେବଳ ସୁରକ୍ଷା ନୁହେଁ, VLTD ବ୍ୟବସ୍ଥା ପରିବହନ ପରିଚାଳନାକୁ ମଧ୍ୟ କରିଛି ଅଧିକ ସ୍ମାର୍ଟ ଓ କାର୍ଯ୍ୟକ୍ଷମ। ଯାନବାହନର ଗତିବିଧି ଅନୁଧ୍ୟାନ କରି ଉପଯୁକ୍ତ ମାର୍ଗ ଚୟନ, ସମୟର ସଦୁପଯୋଗ ଏବଂ ପରିବହନରେ ଅନାବଶ୍ୟକ ବିଳମ୍ବ ହ୍ରାସ କରିବାରେ ଏହା ସହାୟକ ହେଉଛି।

ଏହି ବ୍ୟବସ୍ଥା ଜରିଆରେ ଧାନ ମିଲ୍‌ରୁ ଚାଉଳ ନେଇ ଡିପୋ ଅଭିମୁଖେ ଯାଉଥିବା ପ୍ରତ୍ୟେକ ଯାନବାହନର ଅବସ୍ଥାନ ଓ ଗତିବିଧି ଉପରେ ରଖାଯାଉଛି ନିରନ୍ତର ନଜର। ନିର୍ଦ୍ଧାରିତ ମାର୍ଗରୁ ବିଚ୍ୟୁତି, ଅସ୍ୱାଭାବିକ ବିଳମ୍ବ ଅଥବା ଦୀର୍ଘ ସମୟ ଧରି ଯାନବାହନ ଅଟକି ରହିବା ଭଳି ଘଟଣାକୁ ତୁରନ୍ତ ଚିହ୍ନଟ କରିବା ସମ୍ଭବ ହେଉଛି। ଫଳରେ ଚାଉଳ ପରିବହନ ସମୟରେ ସମ୍ଭାବ୍ୟ ଚୋରି, ବାଟମାରଣା ଓ ଅନ୍ୟାନ୍ୟ ଅନିୟମିତତା ରୋକିବା ସହ ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ ହୋଇପାରୁଛି।

ଅକ୍ଟୋବର ମାସର ତଥ୍ୟ ଏହି ବ୍ୟବସ୍ଥାର ସଫଳ ଉପଯୋଗିତାକୁ ପ୍ରତିଫଳିତ କରୁଛି। ଏହି ମାସରେ ଧାନ ମିଲ୍‌ରୁ ଡିପୋକୁ ଚାଉଳ ପରିବହନ ନିମନ୍ତେ ମୋଟ ୪୧୩ଟି ଗେଟ୍‌ପାସ୍ ଜାରି କରାଯାଇଥିବାବେଳେ VLTD ବ୍ୟବସ୍ଥାରେ ୪୦୯ଟି ଟ୍ରିପ୍ ସମ୍ପନ୍ନ ହୋଇଥିଲା। ମୋଟ ୪୧୪ଟି ଟ୍ରିପ୍ ମଧ୍ୟରୁ ମାତ୍ର ୫ଟି ଟ୍ରିପ୍‌ରେ ଏହି ବ୍ୟବସ୍ଥାର ବ୍ୟବହାର ହୋଇନଥିଲା। ଅର୍ଥାତ୍ ଅକ୍ଟୋବର ମାସରେ ଚାଉଳ ପରିବହନରେ VLTD ବ୍ୟବହାର ହାର ରହିଥିଲା ଉଲ୍ଲେଖନୀୟ ୯୮.୭୯ ପ୍ରତିଶତ।

ପ୍ରଯୁକ୍ତି ଓ ସୁଶାସନର ସମନ୍ୱୟରେ ଖାଦ୍ୟଶସ୍ୟ ପରିବହନ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ଦିଗରେ OSCSCର ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ଉଦାହରଣ।

୧୯୬୭-ହେଲ୍ପଲାଇନ ନମ୍ବର:
ଜନସାଧାରଣଙ୍କ ପାଇଁ ସବୁ ସମୟରେ ସଜାଗ

ରବି ଧାନ ବିକ୍ରି ସମେତ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମେତ ବିଭାଗ ସମ୍ବନ୍ଧୀୟ ଅନ୍ୟ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସଦାସର୍ବଦା ପ୍ରସ୍ତୁତ ହୋଇ ରହିଛି **'୧୯୬୭'** ହେଲ୍ପଲାଇନ ନମ୍ବର । ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କଲ୍ ସେଣ୍ଟର ଚାଲୁଥିବାବେଳେ ରାଜ୍ୟବାସୀଙ୍କ ପ୍ରଶ୍ନ ଉତ୍ତର ସହ ବିଭିନ୍ନ ସମସ୍ୟାର ସମାଧାନ କିଭଳି କରାଯାଇପାରିବ, ଅଧିକାରୀଙ୍କୁ କିଭଳି ସମସ୍ୟା ବାବଦରେ ଅବଗତ କରାଯିବ, ସେହି କାର୍ଯ୍ୟକୁ ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା ଦ୍ୱାରା କରାଯାଏ ।

୧୯୬୭
ହେଲ୍ପଲାଇନ

୦୧	ସମୁଦାୟ କଲ	୪,୪୬୯	
୦୨	ଫୋନ କଲ ଗ୍ରହଣ କରାଯାଇଥିଲା	୪,୩୬୧	
୦୩	ଫୋନ କଲ ସମ୍ଭବ ହୋଇପାରିନଥିବା	୧୦୮	
୦୪	ବିଭାଗ ପକ୍ଷରୁ କଲ କରାଯାଇଥିଲା	୧,୭୧,୮୨୦	
୦୫	ଫୋନ କଲ ଯୋଗାଯୋଗ ସମ୍ଭବ	୫୬,୪୩୮	
୦୬	ଫୋନ କଲ ଯୋଗାଯୋଗ ହୋଇନଥିବା	୧,୧୫,୩୮୨	

ଚଳିତ ଅକ୍ଟୋବର ମାସରେ ୧୯୬୭ ହେଲ୍ପଲାଇନକୁ ସମୁଦାୟ **୪,୪୬୯**ଟି କଲ ଆସିଥିବାବେଳେ **୪,୩୬୧**ଟି ଫୋନ କଲକୁ ଗ୍ରହଣ କରାଯାଇଥିଲା । ସେହିପରି **୧୦୮**ଟି ଫୋନ କଲ ସମ୍ଭବ ହୋଇପାରିନଥିବାବେଳେ **୧ ଲକ୍ଷ ୭୧ ହଜାର ୮୨୦** ଜଣଙ୍କୁ ବିଭାଗ ପକ୍ଷରୁ କଲ କରାଯାଇଥିଲା । ଏଥିମଧ୍ୟରୁ **୫୬,୪୩୮** ଫୋନ କଲ ଯୋଗାଯୋଗ ସମ୍ଭବ ହୋଇଥିବାବେଳେ **୧,୧୫,୩୮୨**ଟି ଫୋନ କଲ କେହି ଉଠାଇନଥିଲେ ବା ଯୋଗାଯୋଗ ସମ୍ଭବ ହୋଇପାରିନଥିଲା ।

୧୯୬୭ ହେଲ୍ପଲାଇନ

ବେଆଇନ ଗ୍ୟାସ୍ ସିଲିଣ୍ଡର ମହଜୁଦ ଉପରେ ଚଢ଼ାଉ: ୧୧୮ଟି ଏଲ୍‌ପିଜି ସିଲିଣ୍ଡର ଜବତ

ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା ଓ ନିରବଚ୍ଛିନ୍ନ ଗ୍ୟାସ୍ ଯୋଗାଣ ପାଇଁ ବିଭାଗର ଏନଫୋର୍ସମେଣ୍ଟ ଅଭିଯାନ ଜୋରଦାର



ଏଲ୍‌ପିଜି ଗ୍ୟାସ୍ ଏକ ଅତ୍ୟାବଶ୍ୟକ ଘରୋଇ ଓ ବାଣିଜ୍ୟିକ ଉପଯୋଗୀ ସାମଗ୍ରୀ। ଏହାର ସୁଚାରୁ ଯୋଗାଣ ସୁନିଶ୍ଚିତ କରିବା ସହ ବେଆଇନ ମହଜୁଦ, କଳାବଜାର ଓ ଅନିୟମିତତା ରୋକିବା ଦିଗରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିଛି।

ଏହି କ୍ରମରେ ଚଳିତ ମାସରେ ଝାରସୁଗୁଡ଼ା ପୌରାଞ୍ଚଳରେ ବିଭାଗୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ୫୮ଟି ଘରୋଇ ଓ ୩୦ଟି ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଥିଲା। ସେହିପରି ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତୁଳା ଅଞ୍ଚଳରେ ଚଢ଼ାଉ କରାଯାଇ ଆଉ ୩୦ଟି ଏଲ୍‌ପିଜି ସିଲିଣ୍ଡର ଜବତ ହୋଇଥିଲା।



ଏହି ଦୁଇଟି ଚଢ଼ାଉରେ ମୋଟ ୧୧୮ଟି ଏଲ୍‌ପିଜି ସିଲିଣ୍ଡର ଜବତ ହୋଇଥିବାବେଳେ ବେଆଇନ ଭାବେ ସିଲିଣ୍ଡର ମହଜୁଦ ଓ ଚାଲାଣ ଉପରେ ବିଭାଗର କଡ଼ା ନଜର ରହିଥିବା ସ୍ପଷ୍ଟ ହୋଇଛି। ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା, ଗ୍ୟାସ୍ ଯୋଗାଣରେ ସ୍ୱଚ୍ଛତା ଓ ବଜାରରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଏଭଳି ଯାଞ୍ଚ ଓ ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ।



ଖାଦ୍ୟ ସୁରକ୍ଷାର ସୁଦୃଢ଼ ଆଧାର

ଅକ୍ଟୋବରରେ ୨୭ ଲକ୍ଷରୁ ଅଧିକ କୁଇଣ୍ଟାଲ ଚାଉଳ ଉଠାଣ




ପିଡ଼ିଏସ୍‌ଠାରୁ ପୋଷଣ ଯୋଜନା ଯାଏଁ ଖାଦ୍ୟଶସ୍ୟ ଯୋଗାଣକୁ ଗୁରୁତ୍ୱ; ଚାଉଳ ସହ ଗହମ ଓ ମାଣ୍ଡିଆ ବଣ୍ଟନରେ ମଧ୍ୟ ଗୁରୁତ୍ୱ

ଖାଦ୍ୟ ସୁରକ୍ଷା କେବଳ ଏକ ସରକାରୀ ଯୋଜନା ନୁହେଁ, ଏହା ଲକ୍ଷ ଲକ୍ଷ ପରିବାରର ଜୀବନ ଓ ଜୀବିକା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ଦାୟିତ୍ୱ। ଏହି ଦାୟିତ୍ୱକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଖାଦ୍ୟ ସୁରକ୍ଷା ଓ ପୋଷଣଭିତ୍ତିକ ଯୋଜନା ମାଧ୍ୟମରେ ରାଜ୍ୟର ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି।

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡ଼ିଏସ୍)କୁ ଅଧିକ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ଲିକେଜ୍‌ମୁକ୍ତ କରିବା ସହ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଖାଦ୍ୟଶସ୍ୟ ପହଞ୍ଚାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅକ୍ଟୋବର ମାସରେ ରାଜ୍ୟର ବିଭିନ୍ନ ଯୋଜନା ଅଧୀନରେ ବିପୁଳ ପରିମାଣର ଚାଉଳ ସହ ଗହମ ଓ ମାଣ୍ଡିଆ ଉଠାଣ କରାଯାଇଛି। ଏହା ରାଜ୍ୟର ଖାଦ୍ୟ ସୁରକ୍ଷା ଓ ପୋଷଣ ବ୍ୟବସ୍ଥାର ବ୍ୟାପକତାକୁ ପ୍ରତିଫଳିତ କରୁଛି।

ଅକ୍ଟୋବରରେ ଯୋଜନାଭିତ୍ତିକ ଚାଉଳ ଉଠାଣ



- **ଏହି ସମସ୍ତ ଯୋଜନାରେ ମୋଟ ଚାଉଳ ଉଠାଣ: ୨୭,୭୮,୧୧୬ କୁଇଣ୍ଟାଲ**

ଗହମ ଓ ମାଣ୍ଡିଆ ଯୋଗାଣରେ ମଧ୍ୟ ଗୁରୁତ୍ୱ

୦୧	୭,୭୩୧(କୁଇଣ୍ଟାଲ) WBNP ଯୋଜନା – ଗହମ	୦୨	୨୨,୯୦୯(କୁଇଣ୍ଟାଲ) ଅଗ୍ରାଧିକାର ପରିବାର – ମାଣ୍ଡିଆ
୦୩	୩,୩୭୮(କୁଇଣ୍ଟାଲ) ଅନ୍ତ୍ୟୋଦୟ ଅନ୍ନ ଯୋଜନା – ମାଣ୍ଡିଆ	୦୪	୮୯୧(କୁଇଣ୍ଟାଲ) ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା – ମାଣ୍ଡିଆ

- **ମୋଟ ମାଣ୍ଡିଆ ଉଠାଣ : ୨୭,୧୭୮ କୁଇଣ୍ଟାଲ**

ସାମାଜିକ ସୁରକ୍ଷା ସହ ପୋଷଣର ସଂକଳ୍ପ

ଅକ୍ଟୋବର ମାସର ଏହି ଖାଦ୍ୟଶସ୍ୟ ଉଠାଣ ବିବରଣୀ ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ବ୍ୟାପକତାକୁ ସ୍ପଷ୍ଟ କରୁଛି। ଗରିବ ଓ ଅସହାୟ ପରିବାରଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟର ଛାତ୍ରଛାତ୍ରୀ, ଛାତ୍ରାବାସର ଅନ୍ତେବାସୀ ଏବଂ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗଙ୍କ ଖାଦ୍ୟ ଆବଶ୍ୟକତା ପୂରଣ ପାଇଁ ଏହି ଯୋଜନାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ।

ଚାଉଳ ସହ ଗହମ ଓ ମାଣ୍ଡିଆ ଭଳି ପୁଷ୍ଟିକର ଶସ୍ୟର ଯୋଗାଣ ଖାଦ୍ୟ ସୁରକ୍ଷାକୁ ପୋଷଣ ସୁରକ୍ଷା ସହ ଯୋଡ଼ିବାର ଏକ ପ୍ରୟାସ। ସ୍ୱଚ୍ଛ ଓ ଦକ୍ଷ ଯୋଗାଣ ବ୍ୟବସ୍ଥା ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଉପଯୁକ୍ତ ସମୟରେ ଖାଦ୍ୟଶସ୍ୟ ପହଞ୍ଚାଇବା ହିଁ ଏହି ଜନକଲ୍ୟାଣକାରୀ ବ୍ୟବସ୍ଥାର ମୂଳ ଲକ୍ଷ୍ୟ।



ଷ୍ଟାଫ କର୍ଣ୍ଣର





ନିଗମରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ଅବସରକାଳୀନ ସମ୍ବର୍ଦ୍ଧନା ଆୟୋଜିତ।













ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ

ସି/୨, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା

୭୫୧୦୧୨,(୯୧+୬୭୪) ୨୩୯୫୩୯୧, ୨୩୯୫୩୯୨